# ବିଶ୍ୱମଙ୍ଗଳ ପାଇଁ ଜଳିଲା ଝାଡ଼



## ମହିମାଗାଦିରେ ପ୍ରସିଦ୍ଧ ମାଘମେଳା ଆରମ୍ଭ

**ଢେଙ୍କାନାଳ ଅଫିସ, ୧୫।୨**

ମହିମା ଧର୍ମର ପ୍ରସିଦ୍ଧ ପୀଠ ଯୋରନ୍ଦା ମହିମାଗାଦିରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଉପଲକ୍ଷେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ମାଘମେଳା। ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁଯାୟୀ ଅପରାହ୍ନ ୫ଟା ୫ରେ ଗାଦିମନ୍ଦିରର ଚାରି ଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଶ୍ୱକଲ୍ୟାଣ ପାଇଁ ସାଧୁସନ୍ଥମାନେ ପ୍ରାର୍ଥନା କରିଥିବାବେଳେ ମହିମା ଅଲେଖ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପୀଠ।

ମାଘମେଳା ଉପଲକ୍ଷେ ବ୍ରାହ୍ମ ମୁହୂର୍ତ୍ତ ୩ଟା ୪୫ରେ ଗାଦିମନ୍ଦିରରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ମାହାଳମୂଳ କୂଅରୁ ରୁପା ଗରାରେ ପାଣି ଅଣାଯାଇ ସେଥିରେ ଚନ୍ଦନ, ଅଗୁର, କର୍ପୂର ମିଶାଇ ସିଞ୍ଚନ କରାଯାଇଥିଲା। ରୁପା ଝାଡୁରେ ଛେରାପହଁରା ପରେ ୪ଟା ୧୫ରେ ଆରମ୍ଭ ହୋଇଥିଲା ଚାମର ସେବା। ୬୨ଜଣ ସିଦ୍ଧ ବକ୍କଳଧାରୀ ସନ୍ନ୍ୟାସୀ ସାତମୁଠା ସୁନା ଚାମର ଏବଂ ଅବିଶିଷ୍ଟ ରୁପା ଚାମରରେ ମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରି ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ବାହ୍ନ ୮ଟାରେ ନୀତି ମନ୍ଦିରରୁ ଝାଡ଼ବୃକ୍ଷ ସମେତ ଅନ୍ୟ ଉପକରଣ ଆଣି ମନ୍ଦିର ଚତୁଃପାର୍ଶରେ ସଂସ୍ଥାପନ କରାଯାଇଥିଲା। ସତ୍ୟ ମହିମା ଧର୍ମଧାମ ପରିଚାଳନା ସମିତି ସଭାପତି ଶୁକଦେବ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନଟବର ବାବା, ସମ୍ପାଦକ ନିତ୍ୟାନନ୍ଦ ବାବା ପ୍ରମୁଖ ସିଦ୍ଧ ଅବଧୂତ ବକ୍କଳଧାରୀ ସନ୍ନ୍ୟାସୀମାନେ ଗୁରୁତ୍ୱପୂର୍ଣ୍ଣ ନୀତିକୁ ସୁଚାରୁରୂପେ ତଦାରଖ କରିଥିଲେ। କୌପିନଧାରୀ ସମାଜର ସଭାପତି ରଘୁନାଥ ବାବା, ସୁଶାନ୍ତ ବାବା, ଅରୂପ ବାବା ପ୍ରମୁଖ ଅଖଣ୍ଡବତି ମନ୍ଦିର, ଅଖଣ୍ଡଜ୍ୟୋତି ମନ୍ଦିର, ଅଖଣ୍ଡଧୂନି ମନ୍ଦିରରେ ଝାଡ଼ ପ୍ରଜ୍ୱଳନ କରିଥିଲେ।

ଚଳିତବର୍ଷ କୋଭିଡ୍ ସଂକ୍ରମଣ କାରଣରୁ ମେଳା ନୀତିନିୟମ ସମ୍ପାଦନ ପାଇଁ କେବଳ ସାଧୁସନ୍ଥଙ୍କୁ ଅନୁମତି ମିଳିଛି। ଜନସାଧାରଣଙ୍କୁ ବାରଣ କରାଯାଇଛି। ପ୍ରସିଦ୍ଧ ମହିମା ମହୋତ୍ସବ ବାତିଲ ହୋଇଛି। ତେବେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ମେଳାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।



ଯୋରନ୍ଦା ମହିମାଗାଦିରେ ବିଶ୍ୱପ୍ରସିଦ୍ଧ ମାଘମେଳା ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ।

# ସମ୍ମାନ ରଖିବାକୁ ତୀବ୍ର ଲଢ଼େଇ



ବିଜେଡି ପ୍ରାର୍ଥୀଙ୍କ ସହ ନଳିନୀକାନ୍ତ ପ୍ରଧାନ ପ୍ରଚାର କରୁଛନ୍ତି।



ଭାଜପା ପ୍ରାର୍ଥୀଙ୍କ ସହ ଭାଗୀରଥି ପ୍ରଧାନ ପ୍ରଚାର ଚଳାଇଛନ୍ତି।

**ବଇଣ୍ଡା,୧୫।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଓ ୩ଟି ଜିଲା ପରିଷଦ ଜୋନ୍ (ନଂ. ୧୧, ୧୨, ୧୩)ରେ ୪ର୍ଥ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୨ ତାରିଖରେ ମତଦାନ ହେବ। ତେଣୁ ନିର୍ବାଚନ ପ୍ରଚାର ସରିବାକୁ ଆଉ ମାତ୍ର ଦିନ କେଇଟା ଥିବାରୁ ପ୍ରାର୍ଥୀମାନେ ଶେଷ ଅଭିଯାନରେ ଲାଗିପଡ଼ିଛନ୍ତି। ବିଶେଷକରି ୩ଟି ଜିଲା ପରିଷଦ ଜୋନ୍‌କୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ତୀବ୍ର ଲଢ଼େଇ ଚାଲିଛି। କାରଣ ୨୦୧୭ ପଞ୍ଚାୟତ ନିର୍ବାଚନରେ ବ୍ଲକର ୩ଟି ଯାକ ଜୋନ୍ ଭାଜପା ଦଖଲ କରିନେଇଥିଲା। ତେଣୁ ଚଳିତ ନିର୍ବାଚନ ଜିଣି ଭାଜପା ପୂର୍ବ ସଫଳତା ଦୋହରାଇବାକୁ ଯୋଜନା କରିଥିବା ବେଳେ ଗଡ଼ ଛଡ଼ାଇ ଆଣିବାକୁ ବିଜେଡି ଚେଷ୍ଟା ଜାରି ରଖିଛି। ମୋଟ୍ ଉପରେ ସମ୍ମାନ ରକ୍ଷା ପାଇଁ ଉଭୟ ଦଳ ବଳ କଷୁଛନ୍ତି।

କିଶୋରନଗର ବ୍ଲକର ୮ ପଞ୍ଚାୟତ ନୁନୁକାପଶି, ହଣ୍ଡପା, ଲୁହାମୁଣ୍ଡା, ଜାମୁନାଳୀ, ଗାଁବଇଣ୍ଡା, କଟରଙ୍ଗା, ବିଲେଇନାଳି, କଣ୍ଟେଇକୋଳିଆକୁ ନେଇ ୧୩ ନମ୍ବର ଜୋନ୍ ଗଠିତ। ଏହି ଜୋନ୍‌ରେ ୨୮ ହଜାର ୭୨୫ ଭୋଟର ଥିବାବେଳେ ବିଜେଡିରୁ ବିଷ୍ଣୁପ୍ରିୟା ପ୍ରଧାନ, ଭାଜପାରୁ ସୁମତି ରାଣୀ ପ୍ରଧାନ, କଂଗ୍ରେସରୁ ପ୍ରିୟଙ୍କା ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ୨୦୧୭ରେ ଏହି ଜୋନ୍‌ରେ ଭାଜପା ବିଜୟୀ ହୋଇଥିଲା। ଭାଜପା ପ୍ରାର୍ଥୀ ଜୟନ୍ତୀ ପ୍ରଧାନ ୧୨ ହଜାର ୭୧୭ ଭୋଟ ପାଇ

## କିଶୋରନଗର ବ୍ଲକ ୧୩ନଂ. ଜୋନ୍

ବିଜେଡି ପ୍ରାର୍ଥୀଙ୍କୁ ୪ ହଜାର ୯୬୯ ଭୋଟରେ ପରାସ୍ତ କରିଥିଲେ। ବିଜେଡି ପ୍ରାର୍ଥୀ ବାଳକୃଷ୍ଣ ପ୍ରଧାନଙ୍କୁ ୭ ହଜାର ୭୪ ଓ କଂଗ୍ରେସ ପ୍ରାର୍ଥୀ ଅରବିନ୍ଦ ସ୍ୱାଇଁଙ୍କୁ ୧୫୩୭ ଭୋଟ ମିଳିଥିଲା। ତେଣୁ ଚଳିତ ନିର୍ବାଚନରେ ଭାଜପା ଏଠାରୁ ପୁଣିଥରେ ଜିତିବାକୁ ଜୋର୍ ଲଗାଇ ଦେଇଛି। ବିଜେଡି ମଧ୍ୟ ଏହାକୁ ଭାଜପା ହାତରୁ ଛଡ଼ାଇ ନେବା ଚେଷ୍ଟାରେ ରହିଛି। ତେଣୁ ଏକ ସପ୍ତାହ ହେବ ଏହି ଜୋନ୍‌ର ସମସ୍ତ ଗ୍ରାମରେ ଭାଜପା ଓ ବିଜେଡି ପକ୍ଷରୁ ପ୍ରଚାରକୁ ଜୋର୍‌ଦାର କରାଯାଇଛି। ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଦଳୀୟ ପ୍ରାର୍ଥୀ ବିଷ୍ଣୁପ୍ରିୟା ପ୍ରଧାନଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି। ସେହିପରି ଭାଜପା ପକ୍ଷରୁ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଭାଜପା ନେତା ଭାଗୀରଥି ପ୍ରଧାନ ପ୍ରାର୍ଥୀ ସୁମତି ରାଣୀ ପ୍ରଧାନଙ୍କ ପାଇଁ ଗାଁ ଗାଁ ବୁଲି ସମର୍ଥନ ଲୋଡୁଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ସ୍ୱାଇଁ ପ୍ରଚାର କରୁଥିଲେ ମଧ୍ୟ ତାଙ୍କ ସହ ଟାଣୁଆ ନେତାମାନଙ୍କୁ ଦେଖିବାକୁ ମିଳୁନାହିଁ। ତେବେ ବ୍ଲକର ୧୩ ନଂ. ଜୋନ୍‌ରେ କିଏ ବିଜୟ ବାନା ଉଡ଼ାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

# 'ମହିମା ସାହିତ୍ୟ ବିଶ୍ୱରେ ଅନୁପମ'

**ଢେଙ୍କାନାଳ ଅଫିସ, ୧୫।୨**

ଢେଙ୍କାନାଳ ଜିଲା ମହିମାପୀଠ ଯୋରନ୍ଦାରେ ସୋମବାର ପ୍ରସିଦ୍ଧ ମାଘମେଳା ଅବସରରେ ବାର୍ଷିକ ପତ୍ରିକା 'ମହିମା ଜ୍ୟୋତି' ସ୍ଥାନୀୟ ଭଜନ ମଣ୍ଡପଠାରେ ଲୋକାର୍ପିତ ହୋଇଯାଇଛି। ଏହାକୁ ଉନ୍ମୋଚନ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଓଡ଼ିଶାର ନିଜସ୍ୱ ମହିମା ଧର୍ମ ଆମର ଗର୍ବ ଓ ଗୌରବ। ଏହି ଧର୍ମର ଅନୁଗାମୀ ସନ୍ଥ ଭୀମ ଭୋଇ ବିଶ୍ୱ କଲ୍ୟାଣ ପାଇଁ ନିଜକୁ ନର୍କକୁ ଯିବାରେ କୁଣ୍ଠାବୋଧ କରିନାହାନ୍ତି, ଯାହା ବିଶ୍ୱ ସାହିତ୍ୟରେ ଅନୁପମ। ଏହି ଉକ୍ତି

### ମହିମା ଜ୍ୟୋତି ପତ୍ରିକା ଲୋକାର୍ପିତ



ଅତିଥିମାନେ ମହିମା ଜ୍ୟୋତି ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଜାତିସଂଘରେ ସ୍ଥାନିତ ହୋଇଥିବା ଜିଲାପାଳ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା କହିଲେ, ମହିମା ସାହିତ୍ୟକୁ ପରିପୁଷ୍ଟ କରିଥିବା ଭୀମ ଭୋଇ ଜାତି ପ୍ରସଙ୍ଗ ଉତ୍ଥାପନ କରି ଶୂନ୍ୟବ୍ରହ୍ମଙ୍କ ସୃଷ୍ଟିରେ ସ୍ତ୍ରୀ, ପୁରୁଷ ଭିନ୍ନ ତୃତୀୟ ଜାତି ନ ଥିବା କହିଥିଲେ। ଏଭଳି ସାରଗର୍ଭକ ବାର୍ତ୍ତା ଜାତିପ୍ରଥା ଲୋପ କରିବାରେ ବଳିଷ୍ଠ ପ୍ରମାଣିତ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ସମସ୍ତ ସାଧୁସନ୍ଥଙ୍କୁ ମାଘମେଳାର ଶୁଭକାମନା ଜଣାଇଥିଲେ। ଅବସରପ୍ରାପ୍ତ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଭଗବାନ ଦାସ ମହିମାଧର୍ମ ଶ୍ରେଷ୍ଠ ମାନବଧର୍ମ ବୋଲି ମତବ୍ୟକ୍ତ କରିଥିଲେ।

ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱେଶ୍ୱର ବାବା, ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଅକ୍ଷୟ ହୋତା, ଡମ୍ବରୁଧର ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ହୋଣ୍ଡା ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନର ଅନୁଗୋଳ ବଜାର ପ୍ରବେଶ



ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନର ବଜାର ପ୍ରବେଶ କରାଯାଉଛି।

**ଅନୁଗୋଳ ଅଫିସ,୧୫।୨**

ଅନୁଗୋଳସ୍ଥିତ ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାଠାରେ ମଙ୍ଗଳବାର ହୋଣ୍ଡାର ପ୍ରିମିୟମ ସ୍କୁଟର ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନର ବଜାର ପ୍ରବେଶ ହୋଇଯାଇଛି। ରମେଶ ଚନ୍ଦ୍ର ଅଗ୍ରୱାଲ ଏହାର ବଜାର ପ୍ରବେଶ କରାଇଥିଲେ। ହୋଣ୍ଡା ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନରେ ୧୨୫ ସିସି ବିଶିଷ୍ଟ ପାୱାର ଇଞ୍ଜିନ ରହିଛି, ଯାହା ଜବରଦସ୍ତ ପିକ୍‌ଅପ୍ ଓ ମାଇଲେଜ ଦେଉଛି। ଏହି ଗାଡ଼ି ଦୁଇଟି ରଙ୍ଗରେ ଉପଲବ୍ଧ। ଆକର୍ଷଣୀୟ ଫିଚର ସହିତ ଆସିଥିବା ହୋଣ୍ଡା ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନର ମୂଲ୍ୟ ୮୨ ହଜାର ୪୫୩ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଫାଇନାନ୍ସ ସୁବିଧା ମଧ୍ୟ ରଖାଯାଇଛି। ଏହି ଅତ୍ୟାଧୁନିକ ଗାଡ଼ି ସହିତ ଭବିଷ୍ୟତରେ ଉତ୍ତମ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ଲକ୍ଷ୍ମୀ ହୋଣ୍ଡା ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ କହିଛନ୍ତି। ବଜାର ପ୍ରବେଶ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ଗ୍ରାହକ ଓ ଅତିଥିମାନଙ୍କୁ ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

# ଦିନକରେ ୩ ମୁଣ୍ଡ ନେଲା କରୋନା

**ଢେଙ୍କାନାଳ ଅଫିସ,୧୫।୨**

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ତଳମୁହାଁ ହୋଇଥିବାବେଳେ ମୃତ୍ୟୁ ସଂଖ୍ୟାରେ ଅଙ୍କୁଶ ଲାଗି ପାରୁନି। ମଙ୍ଗଳବାର ଦିନକରେ ୩ ମୁଣ୍ଡ ନେଇଛି ଭୂତାଣୁ। ଫଳରେ ଜିଲାରେ ମୋଟ୍ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୬୦ରେ ପହଞ୍ଚିଛି। ସେହିପରି ଦିନକରେ ୧୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୦ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକରୁ ୪, ଭୁବନ ବ୍ଲକରୁ ୨, ହିନ୍ଦୋଳ ବ୍ଲକରୁ ୨, ଢେଙ୍କାନାଳ ପୌରାଞ୍ଚଳରୁ ୨, ଗଁନ୍ଦିଆ ବ୍ଲକରୁ ୧, କାମାକ୍ଷାନଗର ବ୍ଲକରୁ ୧, ଓଡ଼ାପଡ଼ା ବ୍ଲକରୁ ୧, କଙ୍କଡ଼ାହାଡ଼ରୁ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ୍ ସଂଖ୍ୟା ୨୨ ହଜାର ୨୯୫ରେ ପହଞ୍ଚିଛି। ସକ୍ରିୟ ମାମଲା ୧୯୯କୁ ହ୍ରାସ ପାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।











































